**ଦେଓକୁୱେର  ଏବଂ ଅନ୍ୟଜଣେ**

**ବନାମ**

**ଶିଓପ୍ରସାଦ ସିଂହ ଏବଂ ଅନ୍ୟମାନେ**

*ଏପ୍ରିଲ 8,1965*

[ଏ. କେ. ସରକାର, ଏମ୍. ହିଦାୟତୁଲ୍ଲା ଏବଂ ରଘୁବର୍ ଦୟାଲ୍, ନ୍ୟାୟମୂର୍ତ୍ତିବୃନ୍ଦ]

*ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ (ଅଧିନିୟମ 1/1887 ), ଧାରା  42- ଘୋଷଣାତ୍ମକ ମକଦ୍ଦମା- ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା 146 ଅନୁଯାୟୀ ବିବାଦରେ ଥିବା ସମ୍ପତ୍ତିର ଜବତ କରାଗଲା - ଦଖଲର ପ୍ରତିକାର ସକାଶେ ମକଦ୍ଦମା ନକରିବାରୁ ତାହା ମକଦ୍ଦମା ଉପରେ ପ୍ରତିବନ୍ଧକ ଲଗାଏ ।*

ଆବେଦନକାରୀ  ଏବଂ ଉତ୍ତରଦାତାମାନଙ୍କ ମଧ୍ୟରେ ମକଦ୍ଦମାରେ ଥିବା ସମ୍ପତ୍ତିକୁ ନେଇ ବିବାଦ ଥିଲା । ଫୌଜଦାରୀ ପ୍ରକ୍ରିୟା ସଂହିତା ର ଧାରା 145 ଅନୁଯାୟୀ ଦଣ୍ଡାଧିକାରୀଙ୍କ ଦ୍ୱାରା ସମ୍ପତ୍ତିକୁ ଜବତ କରାଗଲା । ପରବର୍ତ୍ତୀ ସମୟରେ ଆବେଦନକାରୀମାନେ ସମ୍ପତ୍ତିରେ ସେମାନଙ୍କର ମାଲିକାନା ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କଲେ କିନ୍ତୁ ପରିଣାମ ସ୍ୱରୂପ ଦାଖଲର ଉପଶମ ପାଇଁ କୌଣସି ଆବେଦନ କଲେ ନାହିଁ । ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ଏହି ମକଦ୍ଦମାର ସପକ୍ଷରେ ରାୟ ଦିଆଗଲା କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଉକ୍ତ ରାୟକୁ ରଦ୍ଦ କରିଦେଲେ ଯେ ଦଖଲ ପାଇଁ ମକଦ୍ଦମା ଦାୟର କରିବାରେ ବିଫଳ ହୋଇଥିବାରୁ ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମର ଧାରା 42 ଅନୁଯାୟୀ ଏହି ମକଦ୍ଦମା ମନ୍ଦ ଥିଲା । ଯୋଗ୍ୟତା ପ୍ରମାଣପତ୍ର ସହିତ ଏହି ନ୍ୟାୟାଳୟରେ ଆବେଦନ କରାଗଲା ।

ନିର୍ଣ୍ଣୟ ନିଆଗଲା : ସମ୍ପତ୍ତିର ମାଲିକାନା ଘୋଷଣା ପାଇଁ ଏକ ମକଦ୍ଦମାରେ, ଯେତେବେଳେ ଏହା ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ ଜବତ ହୁଏ, ସେତେବେଳେ ଆହୁରି ଦଖଲ ପ୍ରଦାନର ଉପଶମ ନିମିତ୍ତ ଦାବି କରିବା ଆବଶ୍ୟକ ନୁହେଁ । ଯଦି ଏପରି ହୋଇଥାଏ, ତେବେ ବାସ୍ତବତା ହେଉଛି ଯେ ଏପରି ଏକ ଜବତି ମାମଲାରେ ଦଣ୍ଡାଧିକାରୀ ସେହି ପକ୍ଷ ତରଫରୁ ଦଖଲର ଅଧିକାରୀ ହୁଅନ୍ତି, ଯେଉଁମାନଙ୍କୁ ସେ ଶେଷରେ ଦଖଲରେ ଥିବାର ଜାଣିବାକୁ ପାଆନ୍ତି, ତାହା ଏଠାରେ ଅପ୍ରାସଙ୍ଗିକ ।

ଅଧିକନ୍ତୁ, ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମର ଧାରା 42ର ପ୍ରାବଧାନ ଦ୍ୱାରା ବିଚାର କରାଯାଇଥିବା ଅଧିକ ପ୍ରତିକାର କେବଳ ପ୍ରତିବାଦୀଙ୍କ ବିରୋଧରେ ପ୍ରତିକାର ଅଟେ । ବର୍ତ୍ତମାନର ମାମଲାରେ ଦଣ୍ଡାଧିକାରୀ ଦଖଲରେ ଥିଲେ ଏବଂ ସେ ମକଦ୍ଦମାରେ ଜଣେ ପକ୍ଷ ନଥିଲେ ।

ଏହା ବ୍ୟତୀତ, ସମ୍ପତ୍ତିଟି ଆଇନ ଅଧୀନରେ ଥିବା ସମୟରେ ଏହାର ଦଖଲ ନିମିତ୍ତ ଦାବି କରିବା ଆବଶ୍ୟକ ନୁହେଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସଂହିତାର ଧାରା 145 ଅନୁଯାୟୀ ଜବତ ହୋଇଥିବା ସମ୍ପତ୍ତି ଆଇନ ଅଧୀନରେ ଅଛି ।

*ସୁନ୍ଦର ସିଂହ ମଲ୍ଲାହ ସିଂହ ସନାତନ ଧର୍ମ ଉଚ୍ଚ ବିଦ୍ୟାଳୟ, ନ୍ୟାସ ବନାମ ପରିଚାଳନା କମିଟି, ସୁନ୍ଦର ସିଂହ-ମଲ୍ଲାହ ସିଂହ ରାଜପୁତ ଉଚ୍ଚ ବିଦ୍ୟାଳୟ,* (1937) L.R. 65 ମଧ୍ୟବର୍ତ୍ତୀ ଆବେଦନ 106 ଏବଂ *ନବାବ ହୁମାୟୁନ ବେଗମ ବନାମ ନବାବ ଶାହା ମହମ୍ମଦ ଖାନ୍,* A.I.R. 1943 P.C. 94, ମାମଲା ଉପରେ ନିର୍ଭର କରାଗଲା ।

*କେ. ସୁନ୍ଦରମା ଆୟର ବନାମ ସର୍ବଜନ ସୌକିୟାବିଲ ବିରଧି ନିଧି ଲିମିଟେଡ* I.L.R. [1939] Mad. 986 ମାମଲାକୁ ଅନୁମୋଦନ କରାଗଲା ।

*ଦୁଖନ୍ ରାମ ବନାମ ରାମ ନନ୍ଦ ସିଂହ,* A.I.R. 1961 Pat. 425, ମାମଲାକୁ ଅସ୍ୱୀକାର କରାଗଲା ।

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 329/1962

ମୂଳ ରାୟ ସଂଖ୍ୟା 253/1949 ରୁ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ ସେପ୍ଟେମ୍ବର 26, 1957 ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ *ସର୍ଜୁ ପ୍ରସାଦ ଏବଂ ଆର୍. ସି. ପ୍ରସାଦ* ।

ଉତ୍ତରଦାତାମାନଙ୍କ ସଂଖ୍ୟା 1 ରୁ 4 ଏବଂ 6 ଙ୍କ ପାଇଁ *ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ* ଏବଂ *ଡି. ଗୋବୁର୍ଦ୍ଧନ* ।

**ନ୍ୟାୟମୂର୍ତ୍ତି ସରକାରଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଏହି ଆବେଦନଟି 1947 ରେ ଆବେଦନକାରୀମାନଙ୍କ ଦ୍ୱାରା ଅଣାଯାଇଥିବା ଏକ ମକଦ୍ଦମାରୁ ଉତ୍ପନ୍ନ ହୋଇଥିଲା, ଯେଉଁଥିରେ ଘୋଷଣା କରାଯାଇଥିଲା ଯେ ପ୍ରତିବାଦୀ ପ୍ରଥମ ପକ୍ଷ କିଛି ଦଲିଲ ଅଧୀନରେ ସମ୍ପତ୍ତି ଉପରେ ଅଧିକାର କିମ୍ବା ମାଲିକାନା ହାସଲ କରିନଥିଲେ ଏବଂ ଦଲିଲ ଗୁଡିକ ଅକାମୀ ଏବଂ ଅସିଦ୍ଧ ଥିଲା । ଏହି ମକଦ୍ଦମା ସପକ୍ଷରେ ବିଚାର ଅଦାଲତ ଦ୍ୱାରା ରାୟ ଦିଆଗଲା , କିନ୍ତୁ ପ୍ରତିବାଦୀ ପ୍ରଥମ ପକ୍ଷମାନଙ୍କ ଦ୍ୱାରା ପାଟନା ଉଚ୍ଚ ନ୍ୟାୟାଳୟରେ ଆବେଦନ ଉପରେ ସେହି ରାୟକୁ ରଦ୍ଦ କରିଦିଆଗଲା । ଉଚ୍ଚ ନ୍ୟାୟାଳୟ ଏକ ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରିବା ପରେ, ଆବେଦନକାରୀମାନେ ବର୍ତ୍ତମାନର ଆବେଦନ ଆଣିଛନ୍ତି । ପ୍ରତିବାଦୀ ପ୍ରଥମ ପକ୍ଷମାନେ ଏକାକୀ ଆବେଦନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ଏବଂ ସେମାନଙ୍କୁ ଉତ୍ତରଦାତା ଭାବରେ ଉଲ୍ଲେଖ କରାଯିବ ।

ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ବିଦ୍ୱାନ ବିଚାର ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦୃଷ୍ଟି ଗୋଚର କରାଯାଇଥିବା ଭଳି ମକଦ୍ଦମା ତାରିଖରେ ଆବେଦନକାରୀମାନେ ସମ୍ପତ୍ତିର ଦଖଲରେ ନଥିଲେ ଏବଂ ଉତ୍ତରଦାତାମାନେ, ସେମାନଙ୍କର ମକଦ୍ଦମା, ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମର ଧାରା 42 ର ପ୍ରବଧାନ ଅନୁଯାୟୀ ବିଫଳ ହେବା ଆବଶ୍ୟକ ଯେହେତୁ ଆବେଦକରୀମାନେ, ଉତରଦାତାମାନଙ୍କଠାରୁ ସମ୍ପତ୍ତିର ଅସୁଲି ପାଇଁ ଅଧିକ ପ୍ରତିକାର ଦାବି କରିବାରେ ବିଫଳ ହୋଇଥିଲେ । ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟ ମାମଲାର ଯୋଗ୍ୟତା ଉପରେ ବିଚାର କଲେ ନାହିଁ । ତେବେ ବାସ୍ତବତା ଏହା ଥିଲା ଯେ ମକଦ୍ଦମା ତାରିଖରେ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା 145 ଦ୍ୱାରା ପ୍ରଦତ୍ତ କ୍ଷମତା ଅଧୀନରେ ଦଣ୍ଡାଧିକାରୀଙ୍କ ଦ୍ୱାରା ସମ୍ପତ୍ତି ଜବତ କରାଯାଇଥିଲା ଏବଂ ଏହା କୌଣସି ପକ୍ଷର ଦଖଲରେ ନଥିଲା ।ଏହି ତଥ୍ୟକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଧ୍ୟାନ ଦିଆଗଲା ନାହିଁ , କିନ୍ତୁ ଏହା ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ ନକରିବାର କାରଣ ଅଭିଲେଖରେ ନାହିଁ ।

ଏହି ଆବେଦନରେ ଏକମାତ୍ର ଯୁକ୍ତି ଥିଲା ଯେ ଜବତିକୁ ଦୃଷ୍ଟିରେ ରଖି, ଆବେଦନକାରୀମାନେ, ସେମାନଙ୍କ ମକଦ୍ଦମାରେ, ସେମାନଙ୍କୁ ଦଖଲ ପ୍ରଦାନ ପାଇଁ ପ୍ରତିକାର ଦାବି କରି ପରିଥାନ୍ତେ କି ? ଯଦି ସେମାନେ ଏହା କରିପାରିବେ ନାହିଁ, ତେବେ ଧାରା 42ର ପ୍ରାବଧାନ ଦ୍ୱାରା ମକଦ୍ଦମା ପ୍ରଭାବିତ ହେବ ନାହିଁ । ପକ୍ଷମାନେ ଏଠାରେ ବିବାଦ କରୁଥିବା ମନେହୁଏ ନାହିଁ ଯେ 1955 ରେ ଏହାର ସଂଶୋଧନ ପୂର୍ବରୁ ଥିବା ସଂହିତାର ଧାରା 146 ଅନୁଯାୟୀ ଏକ ଜବତି

ମାମଲାରେ, ଦଖଲ ପ୍ରଦାନ ପାଇଁ ଅନୁରୋଧ ବିନା, ଏକ ସରଳ ମାଲିକାନା ଘୋଷଣା ପାଇଁ ଏକ ମକଦ୍ଦମା ସକ୍ଷମ । ଉତ୍ତରଦାତାମାନେ ଯୁକ୍ତି ବାଢ଼ିଛନ୍ତି ଯେ ସଂହିତାର ଧାରା 145 ଅନୁଯାୟୀ ଏକ ଜବତି ମାମଲାରେ ସ୍ଥିତି ଭିନ୍ନ, ଏବଂ ଏପରି ଏକ ମାମଲାରେ, ଦଣ୍ଡାଧିକାରୀ ,ସେହି ପକ୍ଷ ପାଇଁ ଦଖଲରେ ରୁହନ୍ତି, ଯିଏ ଉକ୍ତ ଧାରା ଅନୁଯାୟୀ ପ୍ରଥମ ଆଦେଶ ଦେବା ସମୟରେ, ପରିଶେଷରେ ତାଙ୍କ ଦ୍ୱାରା ଦଖଲରେ ଥିବା ଜଣାପଡ଼ନ୍ତି । ଏହା କୁହାଯାଇଥିଲା ଯେ ଯଦି ଦଖଲର ଅସୁଲି ପାଇଁ ଦାବି କରାନଯାଏ, ତେବେ ମାଲିକାନା ଘୋଷଣା ପାଇଁ ବିଚାରାଧୀନ ଥିବା ଏପରି ଏକ ଜବତି ନିମିତ୍ତ ଏକ ମକଦ୍ଦମା ଧାରା 42 ର ପ୍ରାବଧାନ ଅନୁଯାୟୀ ଅକ୍ଷମ । ଏହା ପ୍ରତୀତ ହୁଏ ଯେ ବର୍ତ୍ତମାନର ମାମଲାରେ ଧାରା 145 ଅଧୀନରେ ଦଖଲ ଏ ପର୍ଯ୍ୟନ୍ତ ଜାରି ରହିଛି ଏବଂ କାର୍ଯ୍ୟାନୁଷ୍ଠାନରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଦିଆଯାଇନାହିଁ ଯାହାର ପରିଣାମ ଜବତି ଭଳି ହେବ ।

ଆମ ମତରେ, ସମ୍ପତ୍ତିର ମାଲିକାନା ଘୋଷଣା ପାଇଁ ଦାଖଲ ହୋଇଥିବା ମକଦ୍ଦମାରେ ଯେତେବେଳେ ଏହାକୁ ସଂହିତାର ଧାରା 145 ଅନୁଯାୟୀ ଜବତ କରାଯାଏ, ସେତେବେଳେ ଦଖଲ ପ୍ରଦାନ ପାଇଁ ଅଧିକ ପ୍ରତିକାର ଦାବି କରିବାର କୌଣସି ଆବଶ୍ୟକ ନାହିଁ । ଯଦି ଏପରି ହୋଇଥାଏ ଯେ ଏପରି ଏକ ଜବତି ମାମଲାରେ, ଦଣ୍ଡାଧିକାରୀ ସେହି ପକ୍ଷ ତରଫରୁ ଦଖଲରେ ରୁହନ୍ତି, ଯାହାଙ୍କୁ ସେ ପରିଶେଷରେ ଦଖଲରେ ଥିବାର ଜାଣିବାକୁ ପାଆନ୍ତି, କିନ୍ତୁ ଏହା ଆମ ମତରେ ଅପ୍ରାସଙ୍ଗିକ ଅଟେ । ତେବେ ଦଣ୍ଡାଧିକାରୀ ପ୍ରକୃତରେ ଏପରି କରନ୍ତି କି ନାହିଁ, ଏହି ପ୍ରଶ୍ନ ଉପରେ, ବର୍ତ୍ତମାନର ମାମଲାରେ କୌଣସି ମତ ପ୍ରକାଶ କରିବା ଅନାବଶ୍ୟକ ।

କର୍ତ୍ତୃପକ୍ଷ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଯେ ଯେଉଁଠାରେ ପ୍ରତିବାଦୀ ଦଖଲରେ ନାହାଁନ୍ତି ଏବଂ ବାଦୀଙ୍କୁ ଦଖଲ ପ୍ରଦାନ କରିବାର ସ୍ଥିତିରେ ନାହାଁନ୍ତି, ସେଠାରେ ଦଖଲ ଦାବି କରିବା ନିମିତ୍ତ, ଏକ ମକଦ୍ଦମାରେ ସମ୍ପତ୍ତିରେ ମାଲିକାନା ଘୋଷଣା ନିମିତ୍ତ ବାଦୀଙ୍କର ଆବଶ୍ୟକ ନାହିଁ : *ସୁନ୍ଦର ସିଂହ ମଲ୍ଲାହ ସିଂହ ସନାତନ ଧର୍ମ ଉଚ୍ଚ ବିଦ୍ୟାଳୟ, ନ୍ୟାସ* ବନାମ *ପରିଚାଳନା କମିଟି, ସୁନ୍ଦର ସିଂହ ମଲ୍ଲାହ ସିଂହ ରାଜପୁତ ଉଚ୍ଚ ବିଦ୍ୟାଳୟ ମାମଲାରେ*[1] ଦୃଷ୍ଟି ଗୋଚର କରାଯାଉ । ବର୍ତ୍ତମାନର ମାମଲାରେ ଏହା ସ୍ପଷ୍ଟ ଯେ, ଜବତ ପରେ ଉତ୍ତରଦାତାମାନେ ଦଖଲରେ ନଥିଲେ ଏବଂ ଆବେଦନକାରୀମାନଙ୍କୁ ଦଖଲ ପ୍ରଦାନ କରିବାର ସ୍ଥିତିରେ ନଥିଲେ । ଦଣ୍ଡାଧିକାରୀ ଦଖଲରେ ଥିଲେ, ସେ ଯାହା ପାଇଁ ବି ହେଉ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ଏବଂ ସେ ପ୍ରକୃତରେ ମକଦ୍ଦମାରେ

(1) (1937) L.R 65 I.A. 106.

ଜଣେ ପକ୍ଷ ନଥିଲେ । ଏହା ଅନୁଧ୍ୟାନ କରିବା ପ୍ରାସଙ୍ଗିକ ଯେ *ନବାବ ହୁମାୟୁନ ବେଗମ୍* ବନାମ *ନବାବ ଶାହା ମହମ୍ମଦ ଖାନ୍ ମାମଲାରେ (*[2]*)* ଏହା ଧରି ନିଆଗଲା ଯେ ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମର ଧାରା 42ରେ ଥିବା ପ୍ରାବଧାନର ବିଚାର ଅନୁଯାୟୀ, କେବଳ ପ୍ରତିବାଦୀଙ୍କ ବିରୋଧରେ ଅଧିକ ପ୍ରତିକାର ହେଉଛି ଉଦ୍ଦିଷ୍ଟ । ଆମେ ଏଠାରେ ଯୋଡି ପାରୁ ଯେ *କେ. ସୁନ୍ଦରମା ଆୟର* ବନାମ *ସର୍ବଜନ ସୌକିୟାବିଲ ବିରଧି ନିଧି ଲିମିଟେଡ ମାମଲାରେ (*[3]*)* ଏହା ଧରିନିଆଗଲା ଯେ ଯେତେବେଳେ ସମ୍ପତ୍ତି ଆଇନ ଅଧୀନରେ ଥିଲା ସେତେବେଳେ ଦଖଲ ପାଇଁ ଦାବି କରିବାର ଆବଶ୍ୟକ ନଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜବତ ସମ୍ପତ୍ତି ସଂହିତାର ଧାରା 145 ଅନୁଯାୟୀ ଆଇନ ଅଧୀନରେ ଅଛି । ଏହି ମାମଲାଗୁଡ଼ିକ ସ୍ପଷ୍ଟ ଭାବେ ପ୍ରମାଣିତ କରେ ଯେ ଆବେଦନକାରୀମାନେ ଦଖଲ ପାଇଁ ଦାବି କରିବାର ଆବଶ୍ୟକ ନଥିଲା ।

*ଦୁଖନ୍ ରାମ* ବନାମ *ରାମ ନନ୍ଦ ସିଂହ ମାମଲାରେ (*[4]*)* ଏକ ବିପରୀତ ମତ ଗ୍ରହଣ କରାଯାଇଥିବାର ଜଣା ପଡେ । ଏହି ମତ ପାଇଁ ଦିଆଯାଇଥିବା କାରଣ ହେଉଛି ଯେ ବାଦୀଙ୍କ ସପକ୍ଷରେ ଦିଆଯାଇଥିବା ଘୋଷଣାତ୍ମକ ଡିକ୍ରି ଦଣ୍ଡାଧିକାରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ନାହିଁ ଏବଂ ଏହା ସତ୍ତ୍ୱେ ସେ ଏହା ଜାଣିବାକୁ ମୁକ୍ତ ଥିଲେ ଯେ ପ୍ରାସଙ୍ଗିକ ସମୟରେ ଦଖଲ ପ୍ରତିବାଦୀଙ୍କ ପାଖରେ ଥିଲା ଏବଂ ତାଙ୍କୁ ଦଖଲ ପ୍ରଦାନ କରିବାକୁ ମଧ୍ୟ ମୁକ୍ତ ଥିଲେ । ସେହି ମାମଲାର ନିଷ୍ପତ୍ତି ନେଉଥିବା ବିଦ୍ୱାନ ବିଚାରପତିଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କରି, ଆମେ ଧରି ନେଉ ଯେ, ଏଠାରେ ପ୍ରାସଙ୍ଗିକ ପ୍ରଶ୍ନ ଏହା ନୁହେଁ ଯେ ଏକ ଘୋଷଣାତ୍ମକ ଡିକ୍ରି ଦଣ୍ଡାଧିକାରୀଙ୍କ ପାଇଁ ବାଧ୍ୟତାମୂଳକ ହେବ କି ନାହିଁ ? ବାସ୍ତବତା ହେଉଛି ଯେ ଏହା ବାଧ୍ୟତାମୂଳକ ହୋଇ ନପାରିବା ହେତୁ ମକଦ୍ଦମାର ଯୋଗ୍ୟତା ଉପରେ ପ୍ରଭାବ ପକାଇବ ନାହିଁ । ତଥାପି, ଦଖଲ ନିମିତ୍ତ ପ୍ରତିକାର ପାଇଁ ଏକ ଦାବି ବିନା ଏକ ଘୋଷଣା ନିମିତ୍ତ ମକଦ୍ଦମା, ପୂର୍ବରୁ ସୂଚିତ ମାମଲାରେ ନିଆଯାଇଥିବା ଦୃଷ୍ଟିକୋଣରେ ଯୋଗ୍ୟ ହେବ, ଯାହା ହେଉଛି, ଯେଉଁଠାରେ ପ୍ରତିବାଦୀ ଦଖଲରେ ନାହାଁନ୍ତି ଏବଂ ଦଖଲ ପ୍ରଦାନ କରିବାକୁ ସକ୍ଷମ ନୁହଁନ୍ତି ଯେଉଁଠାରେ ଦଖଲ ପ୍ରଦାନ କରିବାର ପ୍ରତିକାର ଦାବି କରିବା ଆବଶ୍ୟକ ନୁହେଁ, ଯାହା ବିବାଦୀୟ ନୁହେଁ, ଯେତେବେଳେ ସମ୍ପତ୍ତି ସଂହିତାର ଧାରା 145 ଅନୁଯାୟୀ ଜବତି ଅଧୀନରେ ଅଛି । ଆମେ ଭାବୁ ଯେ *ଦୁଖନ୍ ରାମଙ୍କ* ମାମଲାର ସଠିକ୍ ନିଷ୍ପତ୍ତି

---

( [2] ) A.I.R 1943 P.C. 94
( [3] ) I.L.R (1939) Mad. 986.
( [4] ) A.I.R. 1961 Pat.425.

ହୋଇନଥିଲା । ଆମେ ଏହା ମଧ୍ୟ କହିପାରିବା ଯେ ସେହି ଦୃଷ୍ଟିକୋଣକୁ ନେଇ ଅନ୍ୟ କୌଣସି ମାମଲା ଆମ ଦୃଷ୍ଟିକୁ ଅଣାଯାଇନାହିଁ ।

ଏହି କାରଣରୁ, ଆମେ ବିଚାର କରୁ ଯେ ଯେଉଁ ମକଦ୍ଦମାରୁ ଏହି ଆବେଦନ ଉଠିଛି, ତାହା ଯୋଗ୍ୟ ଥିଲା । ତେଣୁ ଆମେ ଆବେଦନକୁ ଅନୁମତି ଦେଉ କିନ୍ତୁ ଯେହେତୁ ମାମଲାର ଯୋଗ୍ୟତା ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି ଗଭୀର ଦୃଷ୍ଟି ପ୍ରଦାନ କରାଯାଇନଥିଲା, ତେଣୁ ଯୋଗ୍ୟତା ଉପରେ ନିଷ୍ପତି ନେବା ପାଇଁ ମାମଲାଟି ସେହି ନ୍ୟାୟାଳୟକୁ ଫେରି ଯିବା ଆବଶ୍ୟକ । ଆବେଦନକାରୀ ଏଠାରେ ଏବଂ ନିମ୍ନ ଖର୍ଚ୍ଚ ପାଇବେ ।

ଆବେଦନକୁ ଅନୁମତି ଦିଆଗଲା ଏବଂ ମାମଲାଟିକୁ
ଅଧିକ ପ୍ରମାଣର ଅନୁସନ୍ଧାନ ପାଇଁ ପୁନଃ ପ୍ରେରଣ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।